ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/276/01-03-2024**

# ପାଞ୍ଚଦିନିଆ ନିର୍ବାଚନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୦୧/୦୩/୨୦୨୪:

ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ରିଟର୍ଣ୍ଣିଙ୍ଗ୍ ଅଧିକାରୀ ଏବଂ ସହକାରୀ ରିଟର୍ଣ୍ଣିଙ୍ଗ୍ ଅଧିକାରୀମାନଙ୍କ ଏକ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ତାଲିମ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଅନ୍ୟ ସ୍ଥାନରୁ ବଦଳୀ ହୋଇ ଆସିଥିବା ଓ ପୂର୍ବ ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିବା ଅବଶିଷ୍ଟ ରିଟର୍ଣ୍ଣିଙ୍ଗ୍ / ସହକାରୀ ରିଟର୍ଣ୍ଣିଙ୍ଗ୍ ଅଧିକାରୀମାନଙ୍କର ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ଥିରୁମାଳା ନାୟକ ଓ ଶତ୍ରୁଘ୍ନ କର ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଫେବୃଆରୀ ୨୬ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖରେ ଶେଷ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ମୋଟ ୫୬ ଜଣ ରିଟର୍ଣ୍ଣିଙ୍ଗ୍ ଏବଂ ସହକାରୀ ରିଟର୍ଣ୍ଣିଙ୍ଗ୍ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ସଂପର୍କରେ ତାଲିମ ପ୍ରଦାନ କରାଯାଇଛି । ଜାତୀୟ ସ୍ତରୀୟ ମାଷ୍ଟର ଟ୍ରେନର ଶ୍ରୀ ସବ୍ୟସାଚୀ ହୋତା, ଶ୍ରୀ ସୁଶାନ୍ତ କୁମାର ମିଶ୍ର ଓ ଶ୍ରୀ ପ୍ରମୋଦ କୁମାର ସାହୁ ଉପସ୍ଥିତ ରହି ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର ଦାଖଲ, ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର, ପ୍ରାର୍ଥୀଙ୍କୁ ନିର୍ବାଚନୀ ଚିହ୍ନ ବଣ୍ଟନ, ଇଭିଏମ୍/ ଭିଭିପ୍ୟାଟ୍ ମାଧ୍ୟମରେ ଭୋଟ ଗ୍ରହଣର ପ୍ରକ୍ରିୟା, ନିର୍ବାଚନୀ ଖର୍ଚ୍ଚ ତଦାରଖ, ପୁଲିଙ୍ଗ୍ ପାର୍ଟି ଗଠନ, ଭୋଟ ଦିନର ପ୍ରସ୍ତୁତି, ଭୋଟ ଗ୍ରହଣ କେନ୍ଦ୍ରର ପରିଚାଳନା, ଭୋଟ ଗଣନା ଓ ନିର୍ବାଚନ ଫଳାଫଳ ଘୋଷଣା ସଂପର୍କରେ ନିୟୋଜିତ ହୋଇଥିବା ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯାଇଛି ।

ପ୍ରଫୁଲ୍ଲ କୁମାର ମଲ୍ଲିକ
ଲୋକସମ୍ପର୍କ ଅଧିକାରୀ